# India-Serbia Foreign Office Consultations

February 03, 2023

## ଭାରତ-ସର୍ବିଆ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଫେବୃଆରୀ 03, 2023**

ଭାରତ ଏବଂ ସର୍ବିଆ ମଧ୍ୟରେ ଅଷ୍ଟମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 03 ଫେବୃଆରୀ 2023 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀ ସଞ୍ଜୟ ବର୍ମା ଏବଂ ସର୍ବିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଦ୍ୱିପାକ୍ଷିକ ସହଯୋଗ ବିଭାଗର ସହକାରୀ ମନ୍ତ୍ରୀ ତଥା ରାଷ୍ଟ୍ରଦୂତ ଭ୍ଲାଦିମିର ମାରିକ ସର୍ବିଆ ପକ୍ଷରୁ ନେତୃତ୍ୱ ନେଇଥିଲେ।

2. ଭାରତ ଏବଂ ସର୍ବିଆ ମଧ୍ୟରେ ଘନିଷ୍ଠ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଆସିଛି, ଯାହା ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ଦୀର୍ଘ ଦିନର ବନ୍ଧୁତା ଉପରେ ଆଧାରିତ। ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କ, ପ୍ରତିରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଅନୁସନ୍ଧାନ ଓ ବିକାଶ, ଔଷଧୀୟ ସାମଗ୍ରୀ, କୃଷି, ସଂସ୍କୃତି ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଭଳି ଆଗ୍ରହର କ୍ଷେତ୍ରଗୁଡିକ ସମେତ ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଉଭୟ ପକ୍ଷ ବହୁପକ୍ଷୀୟ ମଞ୍ଚରେ ସେମାନଙ୍କର ଦୃଢ ସହଯୋଗକୁ ନେଇ ମଧ୍ୟ ସନ୍ତୋଷ ବ୍ୟକ୍ତ କରିଥିଲେ।

3. ଭାରତର ପଡ଼ୋଶୀ ଅଞ୍ଚଳ, ୟୁକ୍ରେନ ଏବଂ ମିଳିତ ଜାତିସଂଘ ପ୍ରସଙ୍ଗ ସମେତ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗଗୁଡିକ ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଜି20 ର ଅଧ୍ୟକ୍ଷ ଭାବରେ ଭାରତର ପ୍ରାଥମିକତା ଏବଂ ଗ୍ଲୋବାଲ୍ ସାଉଥର ହିତ ପାଇଁ ପ୍ରୟାସ ବିଷୟରେ ମଧ୍ୟ ସର୍ବିଆ ପକ୍ଷକୁ ଅବଗତ କରାଯାଇଥିଲା।

4. ଉଭୟ ପକ୍ଷ ନିୟମିତ ଆଦାନ ପ୍ରଦାନ ଜାରି ରଖିବାକୁ ସହମତ ହୋଇଥିଲେ ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିଛି। ପରବର୍ତ୍ତୀ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ବେଲଗ୍ରେଡଠାରେ ଅନୁଷ୍ଠିତ ହେବ।

**ନୂଆଦିଲ୍ଲୀ**

**ଫେବୃଆରୀ 03, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.